**News Clip: Digital House, OLA, Bhubaneswar**

## ହାଇଟେକ୍ ହେଲା ବିଧାନସଭା

# ବିଧାୟକଙ୍କ ଟେବୁଲରେ ଆଇ-ପ୍ୟାଡ୍



ବିଧାୟକମାନଙ୍କୁ ପ୍ରଶ୍ନ କରିବା, ଉତ୍ତର ଦେଖିବା ଓ ପଢ଼ିବା ପାଇଁ ଆଉ କାଗଜ କିମ୍ବା ବହି ଦରାଣ୍ଡିବାକୁ ପଡ଼ିବନି। ସେହିପରି ଉତ୍ତର ପଢ଼ିବାକୁ ମନ୍ତ୍ରୀମାନଙ୍କୁ ବାରମ୍ବାର କାଗଜ ପୃଷ୍ଠା ଓଲଟାଇବାକୁ ପଡ଼ିବ ନାହିଁ। ବଜେଟ ହେଉ କି ପ୍ରଶ୍ନୋତ୍ତର, ସବୁ କିଛି ଏବେ ଆସିବ ଅତ୍ୟାଧୁନିକ ଆଇ-ପ୍ୟାଡ୍‌ରେ। ବିନା କାଗଜ ବ୍ୟବହାରରେ ଚାଲିବ ବିଧାନସଭା। ଏମିତି ହାଇଟେକ୍ ବ୍ୟବସ୍ଥା ଖଞ୍ଜି ଦିଆଯାଇଛି ବିଧାନସଭା ଗୃହରେ। ପ୍ରତ୍ୟେକ ବିଧାୟକଙ୍କ ଟେବୁଲରେ ଆଇ-ପ୍ୟାଡ୍ ଲଗାଯାଇଛି। ବାଚସ୍ପତି ଏବଂ ବିଧାନସଭା ସଚିବଙ୍କ ଟେବୁଲରେ ବି ଆଇପ୍ୟାଡ୍ ଲାଗିଛି। ଏଭଳି ଭାବେ ୧୪୭ ବିଧାୟକ, ବାଚସ୍ପତି ଓ ସଚିବଙ୍କ ଟେବୁଲ ମିଶାଇ ମୋଟ ୧୪୯ଟି ଆଇ-ପ୍ୟାଡ୍ ଲାଗିଯାଇଛି। ନୂଆ ସରକାର ଆସିବା ପରେ ଏହି ନୂଆ ହାଇଟେକ୍ ବ୍ୟବସ୍ଥାରେ ବିଧାନସଭା ଚାଲିବ। ନାମୀଦାମୀ ଆପୋଲୋ କମ୍ପାନିର ଆଇ-ପ୍ୟାଡ୍ ଲଗାଯାଇଛି ସବୁଠି। ବିଧାନସଭା ଗୃହ ସମେତ ପ୍ରେସ ଗ୍ୟାଲେରିକୁ ବି ପୂର୍ବାପେକ୍ଷା ଅଧିକ ଚକାଚକ୍ କରାଯାଇଛି। ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ତତ୍ତ୍ୱାବଧାନରେ ଏସବୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଖୁବ ଶୀଘ୍ର ସମସ୍ତ ବିଧାୟକଙ୍କୁ ଆଇ-ପ୍ୟାଡ ବ୍ୟବହାର ଓ ପରିଚାଳନା ଲାଗି ପ୍ରଶିକ୍ଷଣ ଦିଆଯିବ। ଦୁଇଦିନିଆ ଶିବିରରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ନବାଗତ ବିଧାୟକଙ୍କୁ ବିଧାନସଭାର କାର୍ଯ୍ୟଶୈଳୀ, ପରମ୍ପରା ସମ୍ପର୍କରେ ମଧ୍ୟ ସଚେତନ କରାଇବା ପାଇଁ ପ୍ରଶିକ୍ଷଣ ଦିଆଯିବ। ବିଧାନସଭାର ପ୍ରେସ୍ ଗ୍ୟାଲେରୀରେ ନୂଆ ଟେବୁଲ ଓ ଚେୟାର ସହ ନୂଆ କାର୍ପେଟ ବିଛାଯାଇଛି। କର୍ମଚାରୀଙ୍କ ପାଇଁ ଥିବା କ୍ୟାଣ୍ଟିନକୁ ବି ନୂଆ ରୂପ ଦିଆଯାଇଛି।

---

# ବିଧାୟକଙ୍କ ଆସନରେ ଲାଗିଲା ଆଇ-ପ୍ୟାଡ୍

ଭୁବନେଶ୍ୱର,୧୮।୬(ଭୁ.ପ୍ର): ରାଜ୍ୟରେ ନୂଆ ସରକାର ଗଠନ ହୋଇଛି। ନବନିର୍ବାଚିତ ବିଧାୟକମାନେ ଶପଥ ନେଉଛନ୍ତି। ବିଧାନସଭା ନୂଆ ରୂପ ନେଇଛି। ବିଧାୟକଙ୍କୁ ବୈଷୟିକ କ୍ଷେତ୍ରରେ ଦକ୍ଷ କରାଯିବ।

## ସ୍ମାର୍ଟ ହେବେ ବିଧାୟକ

ବିନା କାଗଜରେ ପରିଚାଳନା ହେବ ବିଧାନସଭା। ଏଥିପାଇଁ ବାଚସ୍ପତିଙ୍କ ସମେତ ସମସ୍ତ ବିଧାୟକଙ୍କ ଆସନରେ ଲାଗିଛି ଆଇ-ପ୍ୟାଡ୍। ପ୍ରେସ୍ ଗ୍ୟାଲେରୀକୁ ନୂଆ ରୂପ ଦିଆଯାଇଛି। ନୂଆ ସରକାର ଆସିବା ପରେ ନୂତନ ରୂପ ପାଇଛି ଗୃହ। କାର୍ପେଟ୍‌ଠାରୁ ଆରମ୍ଭ କରି ବିଧାୟକଙ୍କ ଆସନ ଯାଏ ସବୁ ନୂଆ ଦିଶୁଛି। ନ୍ୟାସନାଲ ଇ-ବିଧାନ ଆପ୍ଲିକେସନ(ନେଭା) ଅଧୀନରେ ଆଇ-ପ୍ୟାଡ୍ ବ୍ୟବସ୍ଥା ହୋଇଛି। ବାଚସ୍ପତିଙ୍କ ପୋଡିୟମ୍‌ରେ ଗୋଟିଏ ଏବଂ ସଚିବଙ୍କ ଟେବୁଲରେ ଗୋଟିଏ ଆଇ-ପ୍ୟାଡ୍ ଲାଗିଥିବା ବେଳେ ବାକି ୧୪୭ ବିଧାୟକଙ୍କ ଆସନରେ ଗୋଟିଏ ଲେଖାଏଁ ମୋଟ ୧୪୯ଟି ଆଇ-ପ୍ୟାଡ୍ ଲଗାଯାଇଛି। ସମସ୍ତ ବିଧାୟକଙ୍କୁ ଆଇ-ପ୍ୟାଡ୍ ପରିଚାଳନା ଲାଗି ପ୍ରଶିକ୍ଷଣ ଦିଆଯିବ। ନୂତନ ବିଧାୟକଙ୍କୁ ବିଧାନସଭାର କାର୍ଯ୍ୟଶୈଳୀ ସମ୍ପର୍କରେ ପ୍ରଶିକ୍ଷଣ ମିଳିବ। ପୂର୍ବତନ ମନ୍ତ୍ରୀ ତଥା ପୁରୁଣା ନେତାମାନେ ନୂତନ ବିଧାୟକଙ୍କୁ ପ୍ରଶିକ୍ଷଣ ଦେବେ। ଆଗାମୀ ଦିନରେ ଦୁଇଦିନିଆ କର୍ମଶାଳା ଜରିଆରେ ସମସ୍ତ ନୂତନ ବିଧାୟକଙ୍କୁ ଗୃହର କାର୍ଯ୍ୟଶୈଳୀ ବିଷୟରେ ଅବଗତ କରାଯିବ।